# NATIONAL NEWS BULLETIN (ODIA)
## 19 November - 2024
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ଜି-୨୦ ଶିଖର ସମ୍ମିଳନୀର ଦ୍ୱିତୀୟ ଦିନରେ ସ୍ଥାୟୀ ବିକାଶ ଏବଂ ଶକ୍ତି ପରିବର୍ତ୍ତନ ଉପରେ ଆଜି ସମ୍ବୋଧିତ କରିବେ ପ୍ରଧାନମନ୍ତ୍ରୀ ।
- ଝାଡ଼ଖଣ୍ଡ ଓ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଆସନ୍ତାକାଲି ହେବାକୁ ଥିବା ମତଦାନ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ ।
- ଭଗବାନ ବିର୍ସା ମୁଣ୍ଡାଙ୍କ ପଥକୁ ଅନୁସରଣ କରି ସମଗ୍ର ଦେଶରେ ଥିବା ଶିକ୍ଷାନୁଷ୍ଠାନ ଗୁଡ଼ିକରେ ପାଳନ କରାଯାଉଛି ଜନଜାତୀୟ ଗୌରବ ପଖଓ୍ୱାଡା ଦିବସ ।
- ଜାତୀୟ ରାଜଧାନୀ ଅଞ୍ଚଳରେ ଗୁରୁତର ପ୍ରଦୂଷଣ ସ୍ତରକୁ ହ୍ରାସ କରିବା ପାଇଁ କୃତ୍ରିମ ବର୍ଷା କରାଇବାକୁ କେନ୍ଦ୍ର ସରକାରଙ୍କ ଅନୁମତି ଲୋଡ଼ିଲେ ଦିଲ୍ଲୀ ସରକାର ।

ଏବଂ

- ମହିଳା ଏସିଆ ହକି ଚମ୍ପିୟାନ୍ସ ଟ୍ରଫି ୨୦୨୪ ସେମିଫାଇନାଲ୍ ମ୍ୟାଚ୍‌ରେ ଜାପାନ୍‌କୁ ପରାସ୍ତ କରି ଫାଇନାଲ୍‌ରେ ପହଞ୍ଚିଲା ଭାରତ ।

# ସେକେଣ୍ଡ ଡେ ଜି-୨୦

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ରାଜିଲ୍‌ର ରିଓଡି ଜେନେରିଓ ସହରରେ ଚାଲିଥିବା ଜି-୨୦ ଶିଖର ସମ୍ମିଳନୀର ଦ୍ୱିତୀୟ ଦିନରେ ଆଜି ସ୍ଥାୟୀ ବିକାଶ ଏବଂ ଶକ୍ତି ପରିବର୍ତ୍ତନ ଉପରେ ପ୍ରଥମ ଅଧିବେଶନରେ ସମ୍ବୋଧିତ କରିବେ । ଦ୍ୱିତୀୟ ଅଧିବେଶନରେ ଡିଜିଟାଲ୍ ଭିତ୍ତିଭୂମି ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି । ଶ୍ରୀ ମୋଦୀ ଏହି ଅଧିବେଶନରେ ଅଂଶଗ୍ରହଣ କରିବା ଅବସରରେ ବ୍ରାଜିଲ୍, ଆର୍ଜେଣ୍ଟିନା, ଚିଲି ଏବଂ ଅଷ୍ଟ୍ରେଲିଆର ରାଷ୍ଟ୍ର ମୁଖ୍ୟଙ୍କ ସହ ଦ୍ୱିପକ୍ଷିୟ ଆଲୋଚନା କରିବେ । ଭାରତ, ବ୍ରାଜିଲ୍, ଦକ୍ଷିଣ ଆଫ୍ରିକା ଫୋରମ୍‌ର ଆଇ.ବି.ଏସ୍.ଏ.ର ମିଳିତ ବକ୍ତବ୍ୟ ମଧ୍ୟ ଆଜି ଜାରି ହେବାର ସମ୍ଭାବନା ରହିଛି । ଏହି ସମ୍ମିଳନୀ ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଉଦ୍ଦେଶ୍ୟରେ ଆଚାର୍ଯ୍ୟ ଜୋନସ୍ ମେସିଟିଙ୍କ ଶିଷ୍ୟମାନେ ରାମାୟଣ ନାଟକ ପ୍ରଦର୍ଶନ କରିବେ । ପରେ ପ୍ରଧାନମନ୍ତ୍ରୀ ତିନି ଦେଶର ଯାତ୍ରାର ଅନ୍ତିମ ଚରଣରେ ଗୁଆନା ଅଭିମୁଖେ ଯାତ୍ରା କରିବେ ।

# ପିଏମ୍-ସାଗରମନ୍ଥନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସ୍ୱତନ୍ତ୍ର, ଉନ୍ମୁକ୍ତ ଏବଂ ସୁରକ୍ଷିତ ସାମୁଦ୍ରିକ ଯୋଗାଯୋଗରେ ଭାରତର ଦୃଷ୍ଟିକୋଣକୁ ସମଗ୍ର

ବିଶ୍ୱରେ ପ୍ରଶଂସା କରାଯାଉଛି । ନୂଆଦିଲ୍ଲୀରେ ଅନୁଷ୍ଠିତ ସାଗର ମନ୍ଥନ ଦ ଓସେନ୍ସ ଡାଏଲଗ୍ ସମ୍ମିଳନୀକୁ ସଫଳତାର ସହ ଆୟୋଜନ କରିଥିବାରୁ ବନ୍ଦର, ଜାହାଜ ଏବଂ ଜଳପଥ ମନ୍ତ୍ରଣାଳୟର ଉଦ୍ୟମକୁ ଶ୍ରୀ ମୋଦୀ ପ୍ରଶଂସା କରିବା ଅବସରରେ ଏହା କହିଛନ୍ତି । ସେ କହିଛନ୍ତି, ସାଗର ମନ୍ଥନର ସଫଳତା ଅବସରରେ ଭବିଷ୍ୟତରେ ସାମୁଦ୍ରିକ ବାଣିଜ୍ୟ କାରବାରରେ ଭାଗିଦାରୀତା ବୃଦ୍ଧି ପାଇବାର ଆଶା ସଞ୍ଚାର ହୋଇଛି । ଶ୍ରୀ ମୋଦୀ କହିଛନ୍ତି, ଏହି ସାଗର ମନ୍ଥନ ଅଭିଯାନର ଉଦ୍ଦେଶ୍ୟ ହେଉଛି ଭବିଷ୍ୟତ ଏବଂ ବିକାଶ ଦୃଷ୍ଟିକୋଣକୁ ବ୍ୟାପକ କରି ବିଭିନ୍ନ ଦେଶର ବାଣିଜ୍ୟିକ ଚିନ୍ତାଧାରାକୁ ଗ୍ରହଣ କରି ଭାରତ ତାର ଅଭିବୃଦ୍ଧି ହାସଲ କରିବ ।

## ଝାଡ଼ଖଣ୍ଡ ପୋଲ

ଝାଡ଼ଖଣ୍ଡରେ ଆସନ୍ତାକାଲି ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏହି ପର୍ଯ୍ୟାୟରେ ଆସନ୍ତାକାଲି ୧୨ଟି ଜିଲ୍ଲାର ମୋଟ ୩୮ଟି ନିର୍ବାଚନମଣ୍ଡଳୀରେ ମତଦାନ ଅନୁଷ୍ଠିତ ହେବ । ସକାଳ ୭ଟାରୁ ସଂଧ୍ୟା ୫ଟା ପର୍ଯ୍ୟନ୍ତ ଏହି ମତଦାନ ଚାଲିବ । ତେବେ ନକ୍ସଲ ପ୍ରଭାବିତ ୩୧ଟି ବୁଥ୍‌ରେ ସୁରକ୍ଷା କାରଣରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମତଦାନ କରାଯିବ । ଏହି ନିର୍ବାଚନରେ ୫୫ଜଣ ମହିଳାଙ୍କ ସମେତ ୫୨୮ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ୧କୋଟି

୨୩ଲକ୍ଷରୁ ଅଧିକ ଭୋଟର ଏହି ପ୍ରାର୍ଥୀଙ୍କ ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବେ । ମୁଖ୍ୟ ନିର୍ବାଚନ ଅଧିକାରୀ କେ. ରବି କୁମାର ନିର୍ଭିକ ଭାବରେ ଭୋଟ ଦେବାକୁ  ମତଦାତାମାନଙ୍କୁ ନିବେଦନ କରିଛନ୍ତି । ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ  ପ୍ରତ୍ୟେକ ବୁଥ୍‌ରେ ଅର୍ଦ୍ଧସାମରିକ କେନ୍ଦ୍ରୀୟ ବାହିନୀର ଯବାନମାନଙ୍କୁ ମୁତୟନ କରାଯାଇଛି । ମତଦାତାମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ପାଇଁ ସୁରକ୍ଷା ବାହିନୀ ପକ୍ଷରୁ ସମ୍ବେଦନଶୀଳ ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି । ଆନ୍ତଃ ଜିଲ୍ଲା ସୀମାକୁ ସିଲ୍ କରାଯିବା ସହ ଅନୁପ୍ରବେଶକାରୀ, ଅସାମାଜିକ ତତ୍ୱକୁ ରୋକିବା ପାଇଁ ବିହାର ଓ ପଶ୍ଚିମବଙ୍ଗର ସୀମାନ୍ତବର୍ତ୍ତି ଅଞ୍ଚଳରେ ମିଳିତ ଅପରେସନ୍ ଆରମ୍ଭ ହୋଇଛି । ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ହେଲିକପ୍ଟର ଗୁଡ଼ିକୁ  ନିୟୋଜନ କରଯିବ ବୋଲି ସୂଚନା ମିଳିଛି ।

## ମହା-ପୋଲ ଆରେଞ୍ଜମେଣ୍ଟ

ମହାରାଷ୍ଟ୍ର ବିଧାନସଭାର ୨୮୮ଟି ଆସନ ନିମନ୍ତେ ଆସନ୍ତାକାଲି ଗୋଟିଏ ପର୍ଯ୍ୟାୟରେ ଭୋଟ ଗ୍ରହଣ ଅନୁଷ୍ଠିତ ହେବ । ଏଥିଲାଗି ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଶାସକ ବିଜେପି ନେତୃତ୍ୱାଧୀନ ମହାୟୁତି ମେଣ୍ଟ କ୍ଷମତା ବଜାୟ ରଖିବା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ମହାବିକାଶ ଅଘାଡ଼ି  ମେଣ୍ଟ ରାଜ୍ୟରେ ପୁଣି କ୍ଷମତାକୁ ଫେରିବା

ଲାଗି ଉଦ୍ୟମ କରୁଛି । ଆସନ୍ତାକାଲି ୪ ହଜାର ୧୩୬ ଜଣ ପ୍ରାର୍ଥୀଙ୍କ ରାଜନୈତିକ ଭାଗ୍ୟ ନିର୍ଣ୍ଣୟ ହେବ । ଏହି ନିର୍ବାଚନରେ ୨ହଜାର ୮୬ ଜଣ ସ୍ୱାଧୀନ ପ୍ରାର୍ଥୀ ଅଛନ୍ତି । ବିଜେପି ୧୪୯ଟି ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ଶିବସେନା ୮୧ଟି ଏବଂ ଅଜିତ ପାଓ୍ୱାର ନେତୃତ୍ୱାଧୀନ ଏନ୍.ସି.ପି. ୫୯ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

ସେହିପରି କଂଗ୍ରେସ ୧୦୧ଟି ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ଶିବସେନା ୯୫ ଓ ଶରଦପାଓ୍ୱାର୍ ଏନ୍.ସି.ପି. ୮୬ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଛି । ବହୁଜନ ସମାଜପାର୍ଟି ଏବଂ ଏ.ଆଇ.ଏମ୍.ଆଇ.ଏମ୍. ମଧ୍ୟ ଏହି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ବହୁଜନ ସମାଜପାର୍ଟି ୨୩୭ଟି ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ଏ.ଆଇ.ଏମ୍.ଆଇ.ଏମ୍. ୧୭ଟି ଆସନରେ ପ୍ରାର୍ଥୀ ଦେଇଛି । ଆସନ୍ତା ୨୩ ତାରିଖରେ ଭୋଟ୍ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି ।

## ପଞ୍ଜାବ-ବାଇପଲ

ପଞ୍ଜାବରେ ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୁକ୍ତ, ନିରପେକ୍ଷ ଏବଂ ସ୍ୱଚ୍ଛ ଉପନିର୍ବାଚନ ସୁନିଶ୍ଚିତ କରିବା ପାଇଁ ନିର୍ବାଚନ କମିଶନ ସମସ୍ତ ପ୍ରସ୍ତୁତି କରିଛନ୍ତି । ହୁସିଆରପୁରର ଚାବେଓ୍ୱାଲ, ଗୁରୁଦାସପୁରର ଡେରାବାବାନାନକ, ଶ୍ରୀ ମୁକ୍ତସର ସାହିବର ଗିଦେରବାହ ଏବଂ ବର୍ଣ୍ଣାଲାର ପ୍ରାୟ ୭ଲକ୍ଷ ଭୋଟର ଆସନ୍ତାକାଲି ସେମାନଙ୍କର

ମତଦାନ ସାବ୍ୟସ୍ତ କରିବେ । ଏହି ଉପନିର୍ବାଚନରେ ଭାରତୀୟ ଜନତା ପାର୍ଟି, କଂଗ୍ରେସ ଏବଂ ଆମ୍ ଆଦ୍‌ମୀ ପାର୍ଟି ମଧ୍ୟରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱିତା ହେଉଛି । ରାଜ୍ୟର ଅନ୍ୟଏକ ପ୍ରମୁଖ ରାଜନୈତିକ ଦଳ ଶିରୋମଣି ଅକାଲି ଦଳ ଏହି ନିର୍ବାଚନରେ ଭାଗ ନନେବାକୁ ନିଷ୍ପତ୍ତି ନେଇଛି ।

ନିର୍ବାଚନକୁ ଶୃଙ୍ଖଳିତ ଓ ସୁରକ୍ଷିତ କରିବା ପାଇଁ ୧୭ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ଏବଂ ୬ହଜାରରୁ ଅଧିକ ରାଜ୍ୟ ପୁଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି ଏବଂ ମତଦାନ ପ୍ରକ୍ରିୟାକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ୩ହଜାର ୮୦୦ରୁ ଅଧିକ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ସିବିନ୍ ସି ଘୋଷଣା କରିଛନ୍ତି । ସମସ୍ତ ମତଦାନ କେନ୍ଦ୍ରରେ ଭୋଟ୍‌ଗ୍ରହଣ ସମୟର ଲାଇଭ୍ ୱେବ୍‌କାଷ୍ଟିଂ କରାଯିବ । ଆସନ୍ତାକାଲି ସକାଳ ୭ଟାରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ୍‌ଗ୍ରହଣ ହେବ। ଆସନ୍ତା ୨୩ ତାରିଖରେ ଭୋଟଗଣତି କରାଯିବ ।

# ଜନଜାତୀୟ ଗୌରବ ପଖୱାଡ଼ା

ଭଗବାନ ବିର୍ସା ମୁଣ୍ଡାଙ୍କ ପଥକୁ ଅନୁସରଣ କରି ସମଗ୍ର ଦେଶରେ ଥିବା ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଜନଜାତୀୟ ଗୌରବ ପଖୱାଡା ଦିବସ ପାଳନ କରାଯାଉଛି । ଭାରତରେ ଥିବା ଆଦିବାସୀମାନଙ୍କ ଉଚ୍ଚ ଐତିହ୍ୟ

ଏବଂ ସେମାନଙ୍କ ଅବଦାନକୁ ସମ୍ମାନ ଜଣାଇ ସମଗ୍ର ଦେଶରେ ଏହି ଦିବସ ପାଳନ କରାଯାଉଛି । ଆମ ସମ୍ବାଦଦାତା ଜଣାଇଛନ୍ତି, ସରକାର ଏହି ଅବସରରେ ଆଦିବାସୀମାନଙ୍କ ବିକାଶପାଇଁ ଅନେକ ଯୋଜନାର ଲୋକାର୍ପଣ କରିଛନ୍ତି । ଆଦିବାସୀମାନଙ୍କର ଅର୍ଥନୈତିକ ସଶକ୍ତିକରଣ ଏବଂ ଭିତ୍ତିଭୂମିର ବିକାଶପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ।

ଜାତୀୟ ବାଉଁଶ ଯୋଜନା ଅଧୀନରେ ସରକାର ଆଦିବାସୀମାନଙ୍କ ପାଇଁ ବାଉଁଶଚାରା ରୋପଣ କରି ନୂତନ ଆୟ ସୁଯୋଗ ସୃଷ୍ଟି କରୁଛନ୍ତି । ବନଦନ ବିକାଶ କେନ୍ଦ୍ରରୁ ୪୫ ଲକ୍ଷରୁ ଊର୍ଦ୍ଧ୍ୱ ଆଦିବାସୀ ହିତାଧିକାରୀମାନେ ଜଙ୍ଗଲ ଜାତୀୟ ଉତ୍ପାଦ ପାଇବା ପାଇଁ ସହାୟତା ପାଇଛନ୍ତି । ପି.ଏମ୍. କିଶାନ୍ ଯୋଜନା ଅଧୀନରେ ପ୍ରାୟ ୧ କୋଟି ୨୦ ଲକ୍ଷ ଆଦିବାସୀ ଚାଷୀ କୃଷିରେ ପୁଞ୍ଜିନିବେଶ କରି ଅଧିକ ଉତ୍ପାଦନ ପାଇବା ପାଇଁ ଅର୍ଥନୈତିକ ସହାୟତା ମଧ୍ୟ ପାଇଛନ୍ତି ।

## ଏଗ୍ରି ମିନିଷ୍ଟ୍ରି-ଗ୍ଲୋବାଲ୍

କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ସରକାର ସ୍ଥାୟୀ ଏବଂ ଲାଭଦାୟକ କୃଷି ବ୍ୟବସ୍ଥା ପ୍ରଚଳନ କରି ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧ ଅଟନ୍ତି । ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ବୈଶ୍ୱିକ ମୃତିକା ସମ୍ମିଳନୀ ୨୦୨୪ରେ ଭର୍ଚୁଆଲ୍ ମାଧ୍ୟମରେ

ଯୋଗଦେଇ ଶ୍ରୀ ଚୌହାନ କହିଛନ୍ତି, ଏବେ ସମଗ୍ର ବିଶ୍ୱରେ ଉର୍ବର ମୃତ୍ତିକା ଉପଲବ୍ଧ ହେବା ନ ହେବା ଏକ ଚିନ୍ତାଜନକ ବିଷୟ ଭାବେ ଉଭା ହୋଇଛି । ଦେଶରେ ପାଖାପାଖି ୩୦ ପ୍ରତିଶତ ମୃତ୍ତିକା କ୍ଷୟ ହୋଇଯାଉଥିବା ବେଳେ ଅତ୍ୟଧିକ ରାସାୟନିକ ସାରର ପ୍ରୟୋଗ ମୃତ୍ତିକାର ଉର୍ବରତାକୁ ନଷ୍ଟ କରୁଛି । ଶ୍ରୀ ଚୌହାନ କହିଛନ୍ତି, ସରକାର ଦେଶରେ ଜୈବିକ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେଉଛନ୍ତି । ଏ ଦିଗରେ ଛାତ୍ରୀମାନେ ଏବଂ ଗବେଷକମାନେ ଏହି ବିଷୟ ଉପରେ ଅଧିକ ଗବେଷଣା କରି ଦେଶରେ ମୃତ୍ତିକା ଉର୍ବରତା ବୃଦ୍ଧି କରିବା ଉପରେ ଧ୍ୟାନ ଦେବା ଉଚିତ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି । କୃଷକମାନଙ୍କୁ ଶିକ୍ଷା, ପ୍ରୋତ୍ସାହନ ଏବଂ ଆଧୁନିକ ବୈଜ୍ଞାନିକ ଜ୍ଞାନକୌଶଳର ଆଧାରରେ ସଶକ୍ତ କରିବା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

## ଦିଲ୍ଲୀ ଏୟାର୍ ପଲ୍ୟୁସନ୍

ଜାତୀୟ ରାଜଧାନୀ ଅଞ୍ଚଳରେ ଗୁରୁତର ପ୍ରଦୂଷଣ ସ୍ତରକୁ ହ୍ରାସ କରିବା ପାଇଁ ଦିଲ୍ଲୀ ସରକାର କୃତ୍ରିମ ବର୍ଷା କରାଇବା ପାଇଁ କେନ୍ଦ୍ର ସରକାରଙ୍କ ଅନୁମତି ଲୋଡ଼ିଛନ୍ତି । ଦିଲ୍ଲୀ ପରିବେଶ ମନ୍ତ୍ରୀ ଗୋପାଳ ରାୟ କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ ପତ୍ର ଲେଖି ଏ ସମ୍ପର୍କରେ ଏକ ଜରୁରୀକାଳୀନ ବୈଠକ ଡାକିବାକୁ ଅନୁରୋଧ କରିଛନ୍ତି । ନୂଆଦିଲ୍ଲୀରେ

ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ରାୟ କହିଛନ୍ତି, ଏ ବିଷୟରେ ବିଶେଷଜ୍ଞମାନଙ୍କ ସହ ଆଲୋଚନା ହୋଇଛି ଏବଂ ଜାତୀୟ ରାଜଧାନୀ ଅଞ୍ଚଳରେ  କୃତ୍ରିମ ବର୍ଷା କରାଇ ବାୟୁ ପ୍ରଦୂଷଣକୁ ହ୍ରାସ କରିବାର ଜରୁରୀ ଆବଶ୍ୟକତା ଅଛି ବୋଲି ସେ କହିଛନ୍ତି ।

## ହକି

ବିହାରର ରାଜଗିର୍ ହକି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମହିଳା ଏସୀୟ ହକି ଚମ୍ପିୟନ୍ସ ଟ୍ରଫି ୨୦୨୪ ସେମିଫାଇନାଲ୍ ମ୍ୟାଚ୍‌ରେ ଭାରତ ଜାପାନକୁ ୨-୦ରେ ପରାସ୍ତ କରି  ଫାଇନାଲ୍‌ରେ ପ୍ରବେଶ କରିଛି । ପୂର୍ବରୁ ଆଜି ଅନୁଷ୍ଠିତ ଅନ୍ୟ ଏକ ସେମିଫାଇନାଲ୍‌ରେ ଚୀନ୍ ମାଲେସିଆକୁ ୩-୧ ଗୋଲ୍‌ରେ ପରାସ୍ତ କରି ଫାଇନାଲ୍‌ରେ ପହଞ୍ଚିଛି । ରାଜଗିର୍ ହକି ଷ୍ଟାଡିୟମ୍‌ରେ ଆସନ୍ତାକାଲି ଅପରାହ୍ଣ ୪ଟା ୪୫ ମିନିଟ୍‌ରେ ଭାରତ ଏବଂ ଚୀନ୍ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ । ବ୍ରୋଞ୍ଜ ପଦକ ପାଇଁ ଗତକାଲି ଅପରାହ୍ଣ ୨ଟା ୧୫ରେ ମାଲେସିଆ ଜାପାନକୁ ଭେଟିବ ।

## ବ୍ୟାଡ୍‌ମିଣ୍ଟନ

ଚୀନ୍‌ର ସେନ୍‌ଜେନ୍ ଠାରେ ଚାଲିଥିବା ଚୀନ୍ ଓପନ୍ ମାଷ୍ଟର୍ସ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟରେ ଭାରତର ମିକ୍ସଡ୍ ଡବଲ୍ ଖେଳାଳି ବି. ସୁମିତ

ରେଡ୍ଡୀ ଏବଂ ଏନ୍. ସିକ୍କି ରେଡ୍ଡୀ ଯୋଡ଼ି ଯୁକ୍ତରାଷ୍ଟ୍ର ଆମେରିକା ବିରୁଦ୍ଧରେ ବିଜୟ ହାସଲ କରିଛନ୍ତି । ୩୨ ରାଉଣ୍ଡ ଖେଳରେ ୨୩-୨୧, ୧୭-୨୧, ୨୧-୧୭ ସେଟ୍‌ରେ ଭାରତୀୟ ଯୋଡ଼ି ଆମେରିକୀୟ ଯୋଡ଼ି ପେଜ୍‌ଲେ ସ୍ମିଥ୍ ଏବଂ ଜେନି ଗାଇଙ୍କୁ ପରାସ୍ତ କରିଛନ୍ତି । ସେହିପରି ମହିଳା ସିଙ୍ଗଲ୍ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଖେଳାଳି ଆକର୍ଷି କାଶ୍ୟପ ଜାପାନର ଟୋମୋକା ମିଆଜାକିଙ୍କ ଠାରୁ ତାଙ୍କର ପ୍ରଥମ ମ୍ୟାଚ୍‌ରେ ୧୦-୨୧, ୧୦-୨୧ ସେଟ୍‌ରେ ପରାସ୍ତ ହୋଇଛନ୍ତି । ଅନୁପମା ଉପାଧ୍ୟାୟ ମଧ୍ୟ ଚୀନ୍‌ର ବିଓ୍ୱେନ୍ ଝାଙ୍ଗ୍‌ଙ୍କ ଠାରୁ ପ୍ରଥମ ରାଉଣ୍ଡ ଖେଳରେ ୨୧-୧୭, ୮-୨୧, ୧୦-୭ ସେଟ୍‌ରେ ହାରିଯାଇଛନ୍ତି । ପୁରୁଷ ସିଙ୍ଗଲ ବର୍ଗରେ ଭାରତର ପ୍ରିୟାଂଶୁ ରାଜାଓ୍ୱତ୍ ଲଢୁଆ ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ଇଣ୍ଡୋନେସିଆର ଚିକୋ ଔରାଙ୍କ ଠାରୁ ପରାସ୍ତ ହୋଇଛନ୍ତି ।